**ଯୁବକଙ୍କ ମୃତଦେହ ଜବତ**

**ବାରିପଦା ଅଫିସ:** ବାରିପଦା ଟାଉନ ଥାନା ଅଧୀନ ଦାମଦୋରପୁର ଅଞ୍ଚଳର ନବନିର୍ମିତ କୋଠା ନିକଟରୁ ସନ୍ଦେହଜନକ ଅବସ୍ଥାରେ ଜନୈକ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଖବରପାଇ ବାରିପଦା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ ଓ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କୋଠାରୁ ଖସି ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ ସାଇଣ୍ଟିଫିକ ଟିମ ପହଞ୍ଚି ନମୁନା ସଂଗ୍ରହ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ନିଆଁ

**ବାରିପଦା ଅଫିସ,୨୭।୯:** ମୟୂରଭଞ୍ଜ ଜିଲା ବାରିପଦା ସହରର ଷ୍ଟେଶନ ରୋଡ୍ ସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଶାଖା ଓ ନିକଟସ୍ଥ ଦୋକାନ ଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ ଜାରି ରହିଥିବା ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ରାତି ୧୦ଟା ୪୫ରେ ବ୍ୟାଙ୍କ ଅଫ୍ ବରୋଦା ଶାଖାକୁ ଲାଗି ରହିଥିବା ଏଟିଏମ୍ କାଉଣ୍ଟରରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଖବର ଦେଇଥିଲେ ମଧ ଅଧଘଣ୍ଟା ବିଳମ୍ବରେ ଦମକଳ ପହଞ୍ଚିବାରୁ ନିଆଁର ପ୍ରକୋପ ବଢ଼ି ଚାଲିଥିଲା। ବ୍ୟାଙ୍କ ଓ ଦୋକାନ ସମ୍ମୁଖରେ ଥିବା ପ୍ଲାଷ୍ଟିକ ସୂଚନା ଫଳକଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ମଙ୍ଗଳବାର ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଓ ଶାଖା ପରିଚାଳକ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ରୂପସା, ୨୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ରଘୁନାଥପୁର ପଞ୍ଚାୟତର ବଡ଼ଗୁଳାଇ ଗ୍ରାମର ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ରାମ ଦାସଙ୍କ ପୁଅ ଯୋଗେଶ୍ୱର। ସୋମବାର ରାତିରେ ସେ ଘରେ ଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ଏକ ନବଜାତ ଶିଶୁ କନ୍ୟା ଥିବା ଜଣାପଡିଛି।

### ମଦ ବେପାରୀ ଗିରଫ

**ରାଇରଙ୍ଗପୁର, ୨୭।୯ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ପୋଲିସ ମଙ୍ଗଳବାର ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଚିଙ୍ଗିଡ଼ିପୋଖରୀ ଗ୍ରାମର ନିରଞ୍ଜନ ସିଂ। ତାଙ୍କଠାରୁ ୩୦ ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୬୧/୨୨) ରୁଜୁ ହୋଇଛି।

### ଶାଳିଆପତନି ଉଦ୍ଧାର



**ବେତନଟୀ,୨୭।୯(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଜାମଶୋଳ ଷ୍ଟେଶନସାହିସ୍ଥିତ ବନବିଭାଗ କାର୍ଯ୍ୟାଳୟ ନିକଟରୁ ସ୍ଥାନୀୟ ଗ୍ରାମବାସୀ ମଙ୍ଗଳବାର ସକାଳେ ଏକ ଅସୁସ୍ଥ ଶାଳିଆପତନିକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ବିରଳ ପ୍ରଜାତିର ଏହି ଶାଳିଆ ପତନିଟି କୌଣସି କାରଣରୁ କାଦୁଅରେ ପଡ଼ି ରହିଥିବା ବେଳେ ସ୍ୱାଭାବିକ ଭାବେ ଚାଲିପାରୁ ନ ଥିଲା। ସାମାଜିକ କର୍ମୀ ତପନ କୁମାର ଦାସ ନିଜ ସହଯୋଗୀମାନଙ୍କ ସହିତ ଏହାକୁ ଉଦ୍ଧାରକରି ପ୍ରାଥମିକ ଚିକିତ୍ସା କରାଇବା ସହିତ ବନବିଭାଗକୁ ହସ୍ତାନ୍ତର କରିଥିଲେ।

### ସନାନ୍ଦପୁରରେ ଛାତ୍ରୀନିବାସ ଉଦ୍‌ଘାଟିତ

**ପଦ୍ମପୁର, ୨୭।୯(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ସନାନ୍ଦପୁରସ୍ଥିତ ସେବାଶ୍ରମ ସ୍କୁଲର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ, ଜିଲା ପରିଷଦ ସଭ୍ୟ ମଳୟ କୁମାର ଜେନା, ସାହାଡ଼ା ସମବାୟ ସମିତି ସଭାପତି ବନିତା ମୁଦୁଲି, ସାମାଜିକ କର୍ମୀ ହୀରାଲାଲ ମୁଦୁଲି, ବିଧାୟକଙ୍କ ପ୍ରତିନିଧି ପ୍ରିୟବ୍ରତ ନାୟକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରଧାନଶିକ୍ଷକ ପଞ୍ଚାନନ ଖିଲାର, ପରିଚାଳନା କମିଟି ସଭାପତି ଜଳଧର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସଜେଇ ହୋଇଛି ଶହୀଦ ସ୍ମୃତିପୀଠ

**ବାସୁଦେବପୁର,୨୭।୯(ଡି.ଏନ.ଏ.)**



**ରକ୍ତତୀର୍ଥ ଇରମରେ ୮୦ତମ ଶହୀଦ ସ୍ମୃତି ଦିବସ ଆଜି**

ରକ୍ତତୀର୍ଥ ଭାବେ ପରିଚିତ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମରେ ବୁଧବାର ୮୦ତମ ଶହୀଦ ସ୍ମୃତି ଦିବସ ପାଳନ ହେବ। ଏଥିପାଇଁ ଏହି ଶହୀଦ ସ୍ମୃତିପୀଠ ସଜେଇ ହୋଇଛି। ଶହୀଦମାନଙ୍କ ତ୍ୟାଗ ଓ ବଳିଦାନର ଗାଥାକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ କରାଯାଇଆସୁଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

୧୯୪୨ ସେପ୍ଟେମ୍ବର ୨୮ରେ ଇରମର ମେଳଣ ପଡ଼ିଆରେ ଇଂରେଜମାନଙ୍କ ଗୁଳିରେ ଶହୀଦ ହୋଇଥିଲେ ୨୯ଜଣ ସଂଗ୍ରାମୀ। ଏହି ଗୁଳିକାଣ୍ଡରେ ୫୬ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଶହୀଦ ହୋଇଥିବା ସଂଗ୍ରାମୀମାନଙ୍କ ମଧ୍ୟରୁ ପରିବେୱା ଇରମ ଅଞ୍ଚଳର ତତ୍କାଳୀନ ସମୟରେ ପ୍ରଥମ ମହିଳା ଶହୀଦ ଥିଲେ। ଭାରତଛାଡ଼ ଆନ୍ଦୋଳନର ଏକମାତ୍ର ନାରୀ ଶହୀଦ ହୋଇ ସମଗ୍ର ଭାରତବର୍ଷକୁ ଗୌରବାନ୍ୱିତ କରିଥିଲେ। ସେହିପରି ୧୨ ବର୍ଷର ବିଜୁଳି ଦାଶ ମଧ୍ୟ ସର୍ବକନିଷ୍ଠ ଶହୀଦ ଥିଲେ। ଶହୀଦ ହୋଇଥିବା ୨୯ ଜଣଙ୍କ ମଧ୍ୟରୁ ପଡୁଆଁ ଗ୍ରାମର ୧୭ଜଣ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଶହୀଦ ସଂଗ୍ରାମୀଙ୍କ ପରିବାରର ପରବର୍ତ୍ତୀ ପିଢ଼ି ଆର୍ଥିକ ଅନାଟନରେ ଜୀବନ ବିତାଉଥିବା ବେଳେ ସେମାନଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇନାହିଁ। ସ୍ୱାଧୀନତା ସଂଗ୍ରାମ ଓ ଗୁଳିକାଣ୍ଡରେ ଅନ୍ୟ ଦୁଇଜଣ ଅନାଲୋଚିତ ସଂଗ୍ରାମୀ ମଣି ବେଜ ଓ କୁଶ ତରାଇ। ବାସୁଦେବପୁର ଥାନାରୁ ୧୯୪୨ ସେପ୍ଟେମ୍ବର ୨୮ରେ ବ୍ରିଟିଶ ଫୌଜ ଇରମ ମେଳଣ ପଡ଼ିଆ ଅଭିମୁଖେ ଯାଉଥିବା ବେଳେ ଚୁଡ଼ାମଣି ଘାଟଠାରେ ଗମେଇ ନଦୀ ପାରି କରିବାକୁ ଥିବା ନାଉରିଆ କୁଶ ସେମାନଙ୍କୁ ନଦୀ ପାର କରାଇ ଦେଇ ନ ଥିଲେ। ସେମାନେ ତାଙ୍କୁ ବନ୍ଧୁକ ମୁନରେ ଭୟଭୀତ କରାଇଥିଲେ ମଧ ସେ ଡରି ନ ଥିଲେ। ଶେଷରେ ତାଙ୍କଠାରୁ ଡଙ୍ଗା ଛଡ଼ାଇ ନେଇ ବ୍ରିଟିଶ ଫୌଜ ନଦୀ ପାରି ହୋଇ ଇରମ ଅଭିମୁଖେ ଯାଇଥିଲେ। ଏହି ଖବର କୁଶ ପ୍ରଥମେ ସ୍ଥାନୀୟ ଲୋକଙ୍କୁ କହିବା ପରେ ବ୍ରିଟିଶ ଫୌଜକୁ ବିରୋଧ ଆରମ୍ଭ ହୋଇଥିଲା। ସେହିପରି ମଣି ବେଜ ନିଜର ସାହସ ପଣିଆ ଦେଖାଇ ବ୍ରିଟିଶ ଫୌଜଙ୍କ ପୋଷାକ ପତ୍ର ଛଡ଼ାଇ ଆଣି ସେଥିରେ ପରିଶ୍ରା କରି ଫିଙ୍ଗି ଦେଇଥିଲେ। ଏହି ଘଟଣା ବ୍ରିଟିଶ ଫୌଜକୁ ଅଧିକ ମର୍ମାହତ କରିଥିଲା। ଏହାର କିଛି ଘଣ୍ଟା ପରେ ସେମାନେ ଇରମ ଜମିଦାରଙ୍କ ଘରେ ପହଞ୍ଚିଥିଲେ। ସେତେବେଳକୁ ଇରମ ମେଳଣ ପଡ଼ିଆରେ ଶତାଧିକ ସଂଗ୍ରାମୀ ପହଞ୍ଚି ବ୍ରିଟିଶ ସରକାର ବିରୋଧରେ ସଭା କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ରିଟିଶ ଫୌଜ ଆଖିବୁଜା ଗୁଳି ଚାଳନା କରିଥିଲେ।

୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏହି ପବିତ୍ର ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେଇଥିଲେ। ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ପରେ ୨୦୧୭ରେ ପୀଠର ବିକାଶ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ତାଙ୍କ ପାଣ୍ଠିରୁ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ସହ ପର୍ଯ୍ୟଟନ ବିଭାଗ ସହଯୋଗରେ ପୀଠର ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ନିଜସ୍ୱ ପାଣ୍ଠି ସହଯୋଗରେ ଚାଟେରି ଛକଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ ସ୍ଥାୟୀ ଗେଟ୍‌ର ଭିତ୍ତିପ୍ରସ୍ତର ଚଳିତ ମାସ ସ୍ଥାପନ କରାଯାଇଛି। ପୀଠର ପୂର୍ଣ୍ଣ ବିକାଶ ହୋଇପାରିଲେ ଏହା ଶହୀଦଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଇରମର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ ମତପ୍ରକାଶ କରିଛନ୍ତି।

## ସଂଗ୍ରାମୀଙ୍କ ବଳିଦାନ ମନେପକାଉଛି ଅଶ୍ୱତ୍ଥ ଗଛ, କଳମଗଡ଼ିଆ



ସ୍ମୃତି ବଖାଣୁଥିବା କଳମଗଡ଼ିଆର ଅଶ୍ୱତ୍ଥ ଗଛ।

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୭।୯**

ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮। ବାଲେଶ୍ୱର ଜିଲା ଅଧୀନ ଖଇରା ଓ ସୋର ବ୍ଲକ ସୀମାନ୍ତବର୍ତ୍ତୀ ଛତରା ଗ୍ରାମ ନିକଟସ୍ଥ କଳମଗଡିଆ ପଡିଆର ବରଗଛ ଓ ଅଶ୍ୱତ୍ଥ ଗଛ ମୂଳରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଗୁପ୍ତ ବୈଠକ ବସିବା ସହ ସଂଗ୍ରାମୀ କୃଷ୍ଣଚନ୍ଦ୍ର ଯେନା, ଚିନ୍ତାମଣି ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଏକାଦଶୀ ଦ୍ୱାରୀ ଓ ପଦ୍ମଲୋଚନ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ରଣନୀତି ପ୍ରସ୍ତୁତ ହେଉଥିଲା। ପୂର୍ବାହ୍ନ ୯ଟା ବେଳକୁ ବ୍ରିଟିଶ ଫୌଜ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥିବା ଖଇରାଡିହି ଗ୍ରାମର ବୈଦ୍ୟନାଥ ରାଉତଙ୍କୁ ଗିରଫ କରିବାକୁ ଛତରାର ସଂଗ୍ରାମୀ ଶିବିରରେ ପହଞ୍ଚିଥିଲେ। ସେହି ସ୍ଥାନରେ ସ୍ଥାନୀୟ ସଂଗ୍ରାମୀ ଓ ବ୍ରିଟିଶ ଫୌଜଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ସେଠାରୁ ଫୌଜ ଖଇରାଡିହି ଗ୍ରାମକୁ ମାଡି ଆସି ବୈଦ୍ୟନାଥ ରାଉତଙ୍କୁ ଧରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ପ୍ରଥମେ ସେମାନେ ବୈଦ୍ୟନାଥଙ୍କ ବଡବାପା ଶିବପ୍ରସାଦ ରାଉତଙ୍କୁ ବାନ୍ଧି ପକାଇଥିଲେ। ବାହାର ଗ୍ରାମଗୁଡିକରୁ ଆସୁଥିବା ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡାଇବା ଲାଗି ଗ୍ରାମର ବିଭିନ୍ନ ମୁଣ୍ଡରେ ସଶସ୍ତ୍ର ସେନାବାହିନୀ ଜଗି ରହିଥିଲେ। ହେଲେ ପୋଲିସକୁ ନ ଡରି ସେମାନଙ୍କୁ ମୁକାବିଲା କରିବାକୁ ଯୁବବାହିନୀ ଆଗେଇ ଆସିଲେ। ବୈଦ୍ୟନାଥଙ୍କୁ ଧରାଇ ଦେବା ଆଦେଶକୁ ଜନତାଙ୍କ ତରଫରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡାଇବା ଲାଗି ବ୍ରିଟିଶ ଫୌଜ ଗୁଳି ଚଳାଇଥିଲେ। ଏଥିରେ ଔପଦା ବ୍ଲକ ବଧି ଗ୍ରାମର ରଘୁ ବେହେରା ଓ ବଡପୋଖରୀ ଗ୍ରାମର ମକର ଲେଙ୍କା ଶହୀଦ ହୋଇଗଲେ। ବହୁ ସଂଗ୍ରାମୀ ମଧ୍ୟ ଆହତ ହୋଇଥିଲେ। ୨ ଶହୀଦଙ୍କ ଶବକୁ ଧରି ଫୌଜ ସେମାନଙ୍କର ତୁଡିଗଡିଆ କ୍ୟାମ୍ପକୁ ନେଇଯାଇଥିଲେ। ପୁନଶ୍ଚ ଅପରାହ୍ନରେ ଶହୀଦଙ୍କ ଶବକୁ ଉଦ୍ଧାର କରିବାକୁ ବୈଦ୍ୟନାଥ ରାଉତ, ସୂର୍ଯ୍ୟମଣି ତ୍ରିପାଠୀ ଙ୍କ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ପୋଲିସ କ୍ୟାମ୍ପକୁ ଘେରିଥିଲେ। ଏଥିରେ ବିଚଳିତ ହୋଇ ପୋଲିସ ପୁଣିଥରେ ଗୁଳି ବର୍ଷଣ କଲେ। ଏଥିରେ ଡାଳଙ୍ଗ ଗ୍ରାମର କେଲୁ ସାହୁ ମୃତ୍ୟୁବରଣ କରିଥିଲେ। ଛତରା ଗ୍ରାମରେ ବର୍ତ୍ତମାନ ଏହି କଳମଗଡିଆ ପୋଖରୀ ଓ ନିକଟରେ ଥିବା ଅଶ୍ୱତ୍ଥ ଗଛ ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ସଂଗ୍ରାମୀଙ୍କ ବଳିଦାନକୁ ସବୁକ୍ଷଣରେ ମନେ ପକାଉଛି।

ପ୍ରଶାସନ ପକ୍ଷରୁ ଖଇରା ବ୍ଲକର ତୁଡିଗଡିଆ, ଔପଦା ବ୍ଲକର ବଡପୋଖରୀ, ସୋର ବ୍ଲକର ଛତରାଠାରେ ପ୍ରତି ସେପ୍ଟେମ୍ବର ୨୮ରେ ଶହୀଦ ଦିବସ ପାଳନ କରାଯାଉଛି। ହେଲେ ଶହୀଦଙ୍କ ପରିବାରକୁ ଏ ପର୍ଯ୍ୟନ୍ତ ସରକାରୀ ସହାୟତା ପ୍ରଦାନ କରା ନ ଯିବା ନେଇ ସେମାନଙ୍କ ପରିବାର ତରଫରୁ କୁହାଯାଇଛି। ସେପଟେ ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥ ରାଉତ ନିଜ ସଂଗ୍ରାମୀ ଭତ୍ତା ଟଙ୍କାରେ ନିଜ ଗ୍ରାମ ଖଇରାଡିହିରେ ଏକ ହୋମିଓପାଥି ଚିକିତ୍ସାକେନ୍ଦ୍ର ଚଳାଇ ଆସୁଥିଲେ। ହେଲେ ତାଙ୍କ ମୃତ୍ୟୁ ପରେ ତାହା ବନ୍ଦ ହୋଇରହିବାରୁ ସ୍ଥାନୀୟ ଜନସାଧାରଣ ରୋଗୀସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ସରକାରୀ ସ୍ତରରେ କାର୍ଯ୍ୟକ୍ଷମ କରାଗଲେ ଏହା ଶହୀଦଙ୍କ ପ୍ରତି ଉଚିତ ସମ୍ମାନ ହୋଇପାରନ୍ତା ବୋଲି ବୈଦ୍ୟନାଥଙ୍କ ପରିବାର ସଦସ୍ୟ ମଦନମୋହନ ରାଉତ କହିଛନ୍ତି।

## ଶହୀଦପୀଠ ବୁଲିଲେ ବିଧାୟକ, ଜିଲାପାଳ

**ବାସୁଦେବପୁର, ୨୭।୯(ଡି.ଏନ.ଏ.)**



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଇରମରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମଠାରେ ଶହୀଦ ସ୍ମୃତି ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବିଡିଓ ସତ୍ୟଜିତ ରାଉତ ପ୍ରମୁଖ ଶହୀଦ ସ୍ମୃତି ପୀଠରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶହୀଦ ସ୍ମୃତି ଦିବସ ସମାରୋହରେ ବୁଧବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଜିଲାପାଳ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ଦୀନବନ୍ଧୁ ଦାସ, ପୂର୍ବତନ ସମିତିସଭ୍ୟ ରତିକାନ୍ତ ବାରିକଙ୍କ ସମେତ ଇରମ ତଥା ନଦୀଘେରଦ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବୈଶିଙ୍ଗା ଡାକ୍ତରଖାନା ପରିଦର୍ଶନ କଲେ ଏମ୍‌ପି, ବିଧାୟକ

**ବୈଶିଙ୍ଗା,୨୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ତଦାରଖ କରିଛନ୍ତି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ମଙ୍ଗଳବାର ଏମ୍‌ପି ଷଡ଼ଙ୍ଗୀ କୋଭିଡ୍ ବୁଷ୍ଟର ଡୋଜ ଟିକାକରଣ ସମ୍ବନ୍ଧରେ ଡାକ୍ତର ଅମିତ ନାୟକଙ୍କୁ ପଚାରି ବୁଝିଥିଲେ। ଏଥିସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ପରିପେକ୍ଷୀରେ ନିଜେ ଝାଡୁ ଧରି ଆବର୍ଜନା ସଫା କରିଥିଲେ। ତାଙ୍କ ସହିତ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ମଧ ସହଯୋଗ କରିଥିଲେ। ଏଥିସହିତ ଡାକ୍ତରଖାନା ପରିସରକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ୩୬ନଂ.ଜୋନ ଜିଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ବିଧାୟକଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ମହାନ୍ତ, ବରିଷ୍ଠ ଭାଜପା ନେତା ଲକ୍ଷ୍ମୀଧର ଦଣ୍ଡପାଟ, ପୂର୍ବତନ ବ୍ଲକ ଅଧକ୍ଷ ରାମାୟ ସରନ, ଖଗେଶ୍ୱର ରାଉଳ, ପ୍ରଶାନ୍ତ ସାମଲଙ୍କ ସମେତ ବହୁ ବରିଷ୍ଠ ନେତା କର୍ମୀ ଏବଂ ମହିଳା ସଙ୍ଗଠନର ନେତ୍ରୀ ଯୋଗ ଦେଇଥିଲେ। ବୈଶିଙ୍ଗା ବଜାର କମିଟି ସଭାପତି ସୁଦର୍ଶନ ମହାପାତ୍ର ଏଥିରେ ସହଯୋଗ କରିଥିଲେ।



ସଫେଇ କାର୍ଯ୍ୟକ୍ରମରେ ସାମିଲ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

## ଅଙ୍ଗନୱାଡି କର୍ମୀଙ୍କୁ ୨ ଘଣ୍ଟା ତାଲା

**ଶିଶୁଙ୍କ ମୁଣ୍ଡ ଫାଟିବା ଘଟଣା**

**ଖୁଣ୍ଟା/କୁଆମରା,୨୭।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଟିଟିଆ ପଞ୍ଚାୟତ ପଥରା ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ଜଣେ ଶିଶୁଙ୍କ ମୁଣ୍ଡ ଫାଟିବା ଘଟଣା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଅଙ୍ଗନୱାଡି କର୍ମୀ ଓ ହେଲପରଙ୍କୁ ୨ ଘଣ୍ଟା ତାଲା ପକାଇ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ଅଙ୍ଗନୱାଡି କର୍ମୀ ଜଣକ ରେକର୍ଡ ପତ୍ର କାମ କରୁଥିବା ବେଳେ ହେଲପର ରୋଷେଇ କରୁଥିଲେ। ଏହି ସମୟରେ ଖେଳୁଥିବା ଜଣେ ପିଲା ପଡ଼ି ଯିବାରୁ ତା'ର ମୁଣ୍ଡ ଫାଟି ଯାଇଥିଲା। ଅଙ୍ଗନୱାଡି କର୍ମୀ ଆହତ ପିଲାର ପରିବାର ଲୋକଙ୍କୁ ଖବର ଦେବା ସହ ଚିକିତ୍ସା ପାଇଁ ଖୁଣ୍ଟା ଡାକ୍ତରଖାନାକୁ ପଠାଇଥିଲେ। ତେବେ କର୍ମୀ ଓ ହେଲପରଙ୍କ ଦାୟିତ୍ୱହୀନତା ଯୋଗୁ ପିଲାଟିର ମୁଣ୍ଡ ଫାଟିଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଗ୍ରାମବାସୀ ଉଭୟଙ୍କୁ ଘର ମଧରେ ତାଲା ପକାଇ ଦେଇଥିଲେ। ଖବରପାଇ ସୁପରଭାଇଜର ମାମିନା ପଣ୍ଡା ଓ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ପହଞ୍ଚି ବୁଝାସୁଝା କରିବା ପରେ ତାଲା ଫିଟିଥିଲା। ତେବେ ମଙ୍ଗଳବାର ସିଡିପିଓ ଛୁଟିରେ ଥିବାରୁ ପରବର୍ତ୍ତୀ ସମୟରେ ସେ ଏ ନେଇ ତଦନ୍ତ କରିବେ ବୋଲି କହିଛନ୍ତି।

## ମା' ମାଟିଆ ମଙ୍ଗଳା ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ

**ବାହାନଗା, ୨୭।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତରେ ମା' ମାଟିଆ ମଙ୍ଗଳା ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ସନାତନ ଦାସ ସଭାପତିତ୍ୱ କରିଥିଲେ। ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିବା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଲୋକସଭା କ୍ଷେତ୍ରର ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ସମ୍ମାନନୀୟ ଅତିଥି ଭାବେ ଭାଜପା ନେତା ରାକେଶ ମଳିକ ଯୋଗଦେଇ ଆସନ୍ତା ଦିନର ସରକାରୀ ଦଳର ତଥା ପ୍ରଶାସନର ବିଭିନ୍ନ ଦୁର୍ନୀତିକୁ ନେଇ ଭାଜପା ବ୍ଲକ ଓ ତହସିଲକୁ ଘେରାଉ କରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଭାରୀ ଗଙ୍ଗାଧର ମିଶ୍ର, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମନୀଷା ବେହେରା, ସହପ୍ରଭାରୀ ପ୍ରଶାନ୍ତ ପଣ୍ଡା, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, ଉମାକାନ୍ତ ମାଝି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିବା ସହିତ ସମାଜର ତଳସ୍ତରର ଲୋକମାନେ ଏହି ଯୋଜନାରୁ କେମିତି ବଞ୍ଚିତ ନ ହେବେ ସେଥିପ୍ରତି କର୍ମକର୍ତ୍ତାମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଖରାସାହାପୁର ପଞ୍ଚାୟତର ଭାଜପା ସଭାପତି ସନ୍ତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଭାଜପା କର୍ମକର୍ତ୍ତା।

## ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ଚିଠି

**ବେଆଇନ କ୍ରଶର ବିରୋଧରେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ**

**କେନ୍ଦୁଝର,୨୭।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ତହସିଲ ଅନ୍ତର୍ଗତ ଖଣ୍ଡଘରଠାରେ ଦୀର୍ଘ ବର୍ଷ ହେଲା ବିନା ଅନୁମତିରେ ଚାଲୁଥିବା ୨ ବେଆଇନ କ୍ରଶରକୁ ବନ୍ଦ କରିବା ପାଇଁ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉକ୍ତ କ୍ରଶରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଆନନ୍ଦପୁର ନିର୍ବାହୀ ଯନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ସୋମବାର ଚିଠି କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାକୁ ନେଇ ଗତ ୧୨ ତାରିଖରେ ନୋଟିସ୍ କରାଯାଇଥିଲା। ନୋଟିସ୍‌ର ୧୫ ଦିନ ପୂରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ମଧ ସମସ୍ତଙ୍କ ନଜର ରହିଛି।

ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ରେଞ୍ଜର ପ୍ରଭାତ କୁଅଁର ସୋମବାର (୬୨୪/୨୬-୦୯-୨୦୨୨)ରେ ବିଦ୍ୟୁତ୍ ବିଭାଗକୁ ଚିଠି କରି ବିଦ୍ୟୁତ୍ ବିଚ୍ଛିନ୍ନ ପାଇଁ ଅନୁରୋଧ କରିଛନ୍ତି। ବନ ବିଭାଗ ଗତ ୨୨ ତାରିଖରେ ଚିଠି (ନଂ. ୬୧୧/୨୦୨୨)ରେ ଉକ୍ତ କ୍ରଶରର ପରିଚାଳନା ନିର୍ଦ୍ଦେଶକ ଅଂକୁଶ ଅଗ୍ରୱାଲଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କ୍ରସର ବନ୍ଦ କରିବାକୁ ଆଦେଶ କରିଥିଲେ। ଏହାକୁ ଅବଜ୍ଞା କରି ଦିନ ରାତି କ୍ରଶର ଚାଲି ଆସୁଥିବାରୁ ବନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏ ନେଇ ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି, ବେଆଇନ କ୍ରଶର ଦ୍ୱାରା ବନ୍ୟପ୍ରାଣୀ ବହୁ ମାତ୍ରାରେ ପ୍ରଭାବିତ ହେବା ସହ ପ୍ରଦୂଷଣ ବ୍ୟାପୁଥିବାରୁ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୁପ୍ରଭାବ ପକାଉଛି। ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ବିନା ଅନୁମତିରେ ଏହା ଚାଲୁଥିବାରୁ ଉଭୟ କ୍ରଶର ଓ କ୍ୱାରି ବନ୍ଦ କରିବାକୁ ଆଦେଶ କରାଯାଇଛି। ବେଆଇନ କାମରେ ଘଟଗାଁ ରାଜସ୍ୱ ବିଭାଗର ଦୁର୍ନୀତିଗ୍ରସ୍ତ ବାବୁଙ୍କ ସମ୍ପୃକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହୋଇଥିବା କ୍ଷତିର ଭରଣା ସେମାନଙ୍କଠାରୁ କରିବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି। ଜଙ୍ଗଲ ନିକଟରେ କ୍ରଶର ହୋଇଥିବାରୁ ଶବ୍ଦ ଓ ବାୟୁ ପ୍ରଦୂଷଣ ଯୋଗୁ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ରାତିରେ କ୍ରଶର ଉଚ୍ଚ ଶକ୍ତି ସମ୍ପନ୍ନ ଲାଇଟ୍ ଏବଂ ଶବ୍ଦରେ ଜଙ୍ଗଲ ଜୀବଜନ୍ତୁଙ୍କ ଯାତାୟାତ ପ୍ରଭାବିତ ହେଉଥିବା ଘଟଗାଁ ରେଞ୍ଜର ପ୍ରଭାତ କୁଅଁର ପ୍ରକାଶ କରିଛନ୍ତି।




କ୍ରଶରରେ ବନ ବିଭାଗ କର୍ମଚାରୀ।

